# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

SHREE JAGANNATHA TEMPLE ADMINISTRATION
Puri, Odisha

ମାର୍ଚ୍ଚ - ୨୦୨୨ MARCH - 2022


## ଶ୍ରୀମନ୍ଦିରରେ ଶ୍ରୀରାମନବମୀ

ଅଖିଳ ବ୍ରହ୍ମାଣ୍ଡନାଥ ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ । ସେ ହିଁ ବିଭିନ୍ନ ଯୁଗରେ ନୃସିଂହ, ବାମନ, ବଳରାମ ଆଦି ଭିନ୍ନ ଭିନ୍ନ ଅବତାର ଧାରଣ କରି ଲୀଳା ରଚନା କରିଥାନ୍ତି, ଯାହା ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥାଏ । ତନ୍ମଧ୍ୟରେ ଚୈତ୍ର ଶୁକ୍ଳ ନବମୀ ବା ଶ୍ରୀରାମନବମୀ ତିଥିରେ ଶ୍ରୀରାମ ଜନ୍ମ ଉତ୍ସବ ଅନ୍ୟତମ । ଶ୍ରୀରାମାବତାରର କାରଣ ସମ୍ପର୍କରେ ଉଲ୍ଲେଖ ଅଛି-



'ଦଶାନନବଧାର୍ଥାୟ ଧର୍ମସଂସ୍ଥାପନାୟ ଚ
ଦାନାବାନାଂ ବିନାଶାୟ ଦୈତ୍ୟାନ୍ୟାଂ ନିଧନାୟ ଚ
ପରିତ୍ରାଣାୟ ସାଧୂନାଂ ଜାତୋ ରାମଃ ସ୍ୱୟଂ ହରିଃ ॥'

ସାକ୍ଷାତ୍ ପରଂବ୍ରହ୍ମ ଶ୍ରୀରାମ ରୂପରେ ଜୀବମାନଙ୍କୁ ସତ୍‌ପଥାରୂଢ଼ କରାଇବା ନିମିତ୍ତ ଏପରି ଆଦର୍ଶ ଲୀଳା କଲେ, ଯାହା ପ୍ରତ୍ୟେକ ମନୁଷ୍ୟର ଅନୁକରଣୀୟ । ଶ୍ରୀରାମ ମର୍ଯ୍ୟାଦାପୁରୁଷୋତ୍ତମ ଅଟନ୍ତି । ଶ୍ରୀରାମଙ୍କ ସମାନ ଆଦର୍ଶ ପୁରୁଷ, ଆଦର୍ଶ ଧର୍ମାତ୍ମା, ଆଦର୍ଶ ନରପତି, ଆଦର୍ଶ ମିତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ପୁତ୍ର, ଆଦର୍ଶ ଶରଣାଗତବତ୍ସଳ, ଆଦର୍ଶ ଦୃଢ଼ ପ୍ରତିଜ୍ଞ କିଏ ହୋଇପାରେ ? ତାଙ୍କ ଚରିତ୍ରରେ ଆମ ସନାତନ ସଂସ୍କୃତିର ସ୍ୱରୂପ ପୂର୍ଣ୍ଣତଃ ପ୍ରତିବିମ୍ବିତ ହୁଏ । 'ରାମରାଜ୍ୟ'- ସୁଶାସନ ବ୍ୟବସ୍ଥା, ଧର୍ମ, ଶାନ୍ତି, ସଦାଚାର ଆଦିରେ ପୂର୍ଣ୍ଣତାର ଦ୍ୟୋତନ ନିମିତ୍ତ ଆଜି ମଧ୍ୟ ମନୁଷ୍ୟ ପାଖରେ ଏହାଠାରୁ ସୁନ୍ଦର ଶବ୍ଦ ନାହିଁ । ଶ୍ରୀ ବାଲ୍ମୀକୀୟ ରାମାୟଣ, ଗୋସ୍ୱାମୀ ତୁଳସୀଦାସ କୃତ 'ଶ୍ରୀରାମଚରିତ ମାନସ', ମତ୍ତ ବଳରାମଦାସକୃତ ଜଗମୋହନ ରାମାୟଣ ଆଦି ଶ୍ରୀରାମଙ୍କ ମଙ୍ଗଳମୟ ଚରିତ୍ର ଚିତ୍ରଣ କରି ଲୋକ କଲ୍ୟାଣର ପରିପ୍ରସାର କରନ୍ତି ।

ଶ୍ରୀମନ୍ଦିରରେ ଚୈତ୍ର ଶୁକ୍ଳ ନବମୀଦିନ ସକାଳ ଧୂପ ପରେ ମହାସ୍ନାନ ଓ ବେଶ ବଢ଼ି ଛେକ ଉଠିଲେ ଜୟବିଜୟ ଦ୍ୱାର ବନ୍ଦ ହୁଏ । ସୁଦୁସୁଆର ଭଣ୍ଡାର ଘର ଆଗରେ ପୋଛା ମାରିବା ପରେ ପୂଜାପଣ୍ଡା ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମମଣ୍ଡଳ କାଟନ୍ତି । ମଧ୍ୟାହ୍ନ ଧୂପ ବଢ଼ିବା ପରେ ଦକ୍ଷିଣ ଘର ଠାକୁରମାନଙ୍କ ଭୋଗ ସରିଲେ, ଶ୍ରୀରାମ ବିଗ୍ରହଙ୍କୁ ଭିତର ସିଂହାସନକୁ ବିଜେ କରାଯାଏ । ଏଠାରେ ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କରି ପ୍ରସାଦ ଉଲାଗି କଲା ଉତ୍ତାରେ ପୂଜାପଣ୍ଡା ଶ୍ରୀରାମଦେବଙ୍କୁ ଆଜ୍ଞାମାଳ ଦେବା ପରେ ମହାଜନେ ମଣ୍ଡଳ ଉପରେ ବିଜେ କରାନ୍ତି । ଏଠାରେ ମହାଜନଙ୍କ ମଧ୍ୟରୁ ଦୁଇଜଣ ଶ୍ରୀଦଶରଥ ଓ ମାତା କୌଶଲ୍ୟା ରୂପରେ ଉପସ୍ଥିତ ହୋଇ ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମବିଧି ପାଳନ କରନ୍ତି । ପୂଜାପଣ୍ଡା କର୍ପୂର ଆଳତି, ବନ୍ଦାପନା କଲାପରେ ଗଣ୍ଡୁଷ ମସଲା ଓ କ୍ଷୀର ମଣୋହି କରାନ୍ତି ଏବଂ ଜନ୍ମବିଧି ବଢ଼ାଇ ପଇତା ଲାଗି କଲାପରେ ଶୀତଳ ଭୋଗ ମଣୋହି ଓ ଜୟବିଜୟ ଦ୍ୱାରଠାରେ ଚରୁଅନ୍ନ ମଣୋହି କରାଇବା ଉତ୍ତାରେ ଶ୍ରୀରାମବିଗ୍ରହ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରନ୍ତି । ଏହାପରେ ଶ୍ରୀବିଗ୍ରହମାନଙ୍କର ଦୈନନ୍ଦିନ ନୀତିମାନ ଅନୁଷ୍ଠିତ ହୋଇଥାଏ । ଏ ସମ୍ବନ୍ଧରେ 'ବାମଦେବ ସଂହିତା'ରେ ଉଲ୍ଲେଖ ଅଛି-

'ପ୍ରଥମାର୍ଚ୍ଚାବସାନେଽପି ମହାସ୍ନାନାଦିକଂ ଚରେତ୍ ।
ତତୋ ମଧ୍ୟାହ୍ନଯଜନଂ କୁର୍ଯ୍ୟାଦ୍ରାମସ୍ୱରୂପକମ୍ ॥
ଜଗନ୍ନାଥାନ୍ତିକେ ରକ୍ଷେତ୍ ସ୍ତୁବୀତ ପରମେଶ୍ୱରମ୍ ।
ଦେବଦେବ ଜଗନ୍ନାଥ ରାମଜନ୍ମୋତ୍ସବାୟ ବୈ ॥
ଆଜ୍ଞାପୟ ମହାବାହୋ ରାମପ୍ରତିକୃତିଂ ପ୍ରତି ।
ଇତି ସାଂପ୍ରାର୍ଥ୍ୟ ଦେବାଙ୍ଗାନ୍ମାଲ୍ୟମାଦାୟ ତଦ୍‌ଗଳେ ॥'

ଶ୍ରୀରାମଜନ୍ମ ଠାରୁ ଅଭିଷେକ ପର୍ଯ୍ୟନ୍ତ ଶ୍ରୀରାମଲୀଳାର ବିଭିନ୍ନ ପ୍ରସ୍ତାବ ନିମିତ୍ତ ପାରମ୍ପରିକ ରୀତିରେ ସାହିଗୁଡ଼ିକର ସାହିନାୟକମାନଙ୍କୁ ଲେଙ୍କା ସେବକ ମହାପ୍ରଭୁଙ୍କ ଆଦେଶରେ ପ୍ରତୀକ ରୂପେ ରେଖାସୁନ୍ଦରୀ (ଶ୍ରୀଅଙ୍ଗ ଲାଗି କପଡ଼ା) ଦିଅନ୍ତି ।

ସାହି ଯାତ୍ରାର ଅୟମାରମ୍ଭ ହୋଇଥାଏ କାଳିକାଦେବୀ ସାହିରୁ । ନବମୀ ଦିନ ଦ୍ୱିପହର ଧୂପ ସରିଲେ ରାମଜନ୍ମ ନୀତି ଅନୁଷ୍ଠିତ ହେବା ଅବସରରେ କାଳିକାଦେବୀ ସାହିରୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଓ ଋଷ୍ୟଶୃଙ୍ଗ ବାହାରି ଶ୍ରୀମନ୍ଦିରକୁ ଯାଇଥାନ୍ତି । ସେଠାରୁ ଶ୍ରୀନଅର ଯାଇ ଫେରିବା ବାଟରେ ସାହି ପରିକ୍ରମା କରନ୍ତି । ସର୍ବାଗ୍ରେ ସାହି ଆଖଡ଼ାର ନିଶାଣସହ ଯାତ୍ରା ପଟୁଆର ମାଟିମଣ୍ଡପ ସାହିକୁ ରାତିରେ ଯାଏ ।

ଶ୍ରୀରାମ ଲୀଳା ଉପଲକ୍ଷ୍ୟେ ଦଶମୀ ତିଥିରୁ ଚଳନ୍ତି ପ୍ରତିମାମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ପାଲିଙ୍କିରେ ଘଣ୍ଟ, ଛତ୍ର, କାହାଳୀ ସହ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରନ୍ତି ଓ ବିଭିନ୍ନ ସାହିମାନଙ୍କର ଯାନିଯାତ୍ରା ବାହାରିଥାଏ । ସର୍ବଶେଷରେ ଶ୍ରୀରାମାଭିଷେକ ପରେ ଯାତ୍ରାର ପରିସମାପ୍ତି ହୁଏ । ଦଶମୀ, ଏକାଦଶୀ, ଦ୍ୱାଦଶୀ, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା, ବୈଶାଖ କୃଷ୍ଣ ପ୍ରତିପଦା ଓ ଦ୍ୱିତୀୟା ତିଥିମାନଙ୍କରେ ଯଥାକ୍ରମେ ଯଜ୍ଞରକ୍ଷା, ସୀତାବିବାହ, ବନବାସ, ମାୟାମୃଗବଧ, ଲଙ୍କାପୋଡ଼ି, ସେତୁବନ୍ଧ ଓ ରାବଣବଧ ପ୍ରସ୍ତାବ ଅନୁଷ୍ଠିତ ହୋଇଥାଏ । ପ୍ରସ୍ତାବଗୁଡ଼ିକ ସହ ସାହିମାନଙ୍କର ଯାନିଯାତ୍ରା ବାହାରିଥାଏ ।


*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ-ସମ୍ପାଦକ- ଶ୍ରୀ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ମହା ଶିବରାତ୍ରି :

ତା ୧.୩.୨୨ ରିଖ ମଙ୍ଗଳବାର ପବିତ୍ର ମହା ଶିବରାତ୍ରି ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ପରମ୍ପରା ପ୍ରକାରେ ମଙ୍ଗଳ ଆଳତି, ଅବକାଶ, ତଡ଼ପଲାଗି, ରୋଷହୋମ, ସୂର୍ଯ୍ୟପୂଜା ଏବଂ ଦ୍ୱାରପାଳ ପୂଜା ସରିଲା ପରେ  ଗୋପାଳବଲ୍ଲଭ ଭୋଗ ସମାପନ ହୋଇଥିଲା । ବଲ୍ଲଭ ସରିବା ପରେ ଭଣ୍ଡାର ଦ୍ୱାର ଠାରେ ପୂର୍ବରୁ ରଖାଯାଇଥିବା  ବଲ୍ଲଭ ଭୋଗ ଶ୍ରୀଲୋକନାଥ ଦେବ (ଚଳନ୍ତି ପ୍ରତିମା)ଙ୍କୁ ମଣୋହି ହୋଇଥିଲା ଏବଂ ମଣୋହି ପରେ ନୂଆପାଟ ଲାଗି କରାଯାଇଥିଲା । ଏହାପରେ ଶ୍ରୀଲୋକନାଥ ପାଳିଆ ସେବକଙ୍କ ଦ୍ୱାରା ହାତରେ ବିଜେ ହୋଇ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନରେ ବିଜେ କରିଥିଲେ ଏବଂ ବାଇଶିପାହାଚ, ସିଂହଦ୍ୱାର ଦେଇ ବଡ଼ଆଖଡ଼ା ବିଜେ ସ୍ଥଳୀରେ ବିଜେ ହୋଇଥିଲେ । ଏଠାରେ ପାରଂପରିକ ଭାବେ ନୀତି ସରିବା ପରେ ଶ୍ରୀଲୋକନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ରାତ୍ରର ୪ର୍ଥ ପ୍ରହରରେ ହରିହର ଭେଟ ନୀତି ବଢ଼ିଥିଲା । ବିଜେ ପ୍ରତିମା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ପାପନାଶିନୀ ଏକାଦଶୀ :

ତା ୧୪.୩.୨୨ ରିଖ ସୋମବାର ଏକାଦଶୀ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା । ପୂର୍ବ ଏକାଦଶୀମାନଙ୍କରେ ଶ୍ରୀମଦନମୋହନ ଏକାଦଶୀ ନୀତିରେ ବିଜେ ହୁଅନ୍ତି । ସୂଚନାଯୋଗ୍ୟ ଯେ ଫଗୁଦଶମୀ ଠାରୁ ହୋଲି ପର୍ଯ୍ୟନ୍ତ ଶ୍ରୀଦୋଳଗୋବିନ୍ଦ ସମସ୍ତ ନୀତିକୁ ବିଜେ ହୋଇଥାନ୍ତି ।ଉକ୍ତ ଦିନ ଶ୍ରୀଦୋଳଗୋବିନ୍ଦ ଜୟବିଜୟ ଦ୍ୱାର ଠାରେଏକାଦଶୀ ବନ୍ଦାପନା, ଶୀତଳଭୋଗ ବଢ଼ିଲା ପରେ ଶ୍ରୀଦେବୀ, ଭୂଦେବୀ ଜୟବିଜୟ ଦ୍ୱାରକୁ ବିଜେ ହୁଅନ୍ତେ ସେଠାରେ ଫଗୁ ବନ୍ଦାପନା ହୋଇ ବିମାନକୁ ବିଜେ କରିଥିଲେ । ପୂର୍ବଦିନ ପରି ଜଗନ୍ନାଥବଲ୍ଲଭ ଠାରେ ନୀତି ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ରାଜାଗ୍ନ୍ୟୁତ୍ସବ ବା ମେଣ୍ଢାପୋଡ଼ି :

ତା ୧୭.୩.୨୨ ରିଖ ଗୁରୁବାର ଫାଲଗୁନ୍ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ପୂର୍ବ ପରମ୍ପରା ପ୍ରକାରେ ମଧ୍ୟାହ୍ନ ଧୂପ ସରି ମୈଲମ ହେଲାପରେ ପାଳିଆ ମେକାପ ଭଣ୍ଡାର ଘର ଠାରୁ ଚନ୍ଦନ ବିଜେ କରିବା ପରେ ପାଳିଆ ପୁଷ୍ପାଳକମାନେ ସର୍ବାଙ୍ଗ ଲାଗି କରିଥିଲେ । ଏହା ପରେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣ ଘରକୁ ଘଚେରୀ ବେଶ ନିମନ୍ତେ ବିଜେ ହୋଇଥିଲେ । ଭିତରେ ବେଶ ବଢ଼ି ପାଣିପଡ଼ି ଘଚେରୀ ଭୋଗ ଆସିଲା ପରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ସିଂହାସନକୁ ବିଜେ ହୋଇଥିଲେ । ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ତିନି ବାଡ଼ରେ ତିନି ଜଣ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ମଣୋହି କରିଥିଲେ । ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଘଟୁଆରୀ ଘର ଠାରୁ ଘଣ୍ଟ, ଛତା, କାହାଳୀ ପଟୁଆରରେ ଚନ୍ଦନ ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରିଥିଲେ । ଏହାପରେ ବନ୍ଦାପନା, ସିଂହାସନ ତଳେ ମୁଦିରସ୍ତଙ୍କ ଦ୍ୱାରା ଝିମିରି ଫଗୁ ଅଞ୍ଜଳି ହୋଇ ଶ୍ରୀଅଙ୍ଗରେ ଚନ୍ଦନ ଫଗୁ ମୁଣି ଲାଗି ହୋଇଥିଲା । ଚାମର, ଆଲଟ କଲାପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ହାତରେ ବିଜେ ହୋଇ ବିଜେ ପ୍ରତିମାମାନେ ଲକ୍ଷ୍ମୀଙ୍କ ଜଗମୋହନରେ ପୂର୍ବରୁ ପଡ଼ିଥିବା ପଲଙ୍କ ଉପରକୁ ବିଜେ ହୋଇଥିଲେ । ସେଠାରେ ଲକ୍ଷ୍ମୀନାରାୟଣଙ୍କ ଫଗୁ ଖେଳ ସରିଲା ପରେ ପ୍ରସାଦ ଲାଗି ଓ ବନ୍ଦାପନା ହୋଇଥିଲା । ଏହାପରେ ବିମାନରେ ବିଜେ ହୋଇ ସିଂହଦ୍ୱାର ଦେଇ ଦୋଳବେଦୀ ଠାରେ ଅଗ୍ନି ଉତ୍ସବ ସ୍ଥାନକୁ ବିଜେ କରିଥିଲେ । ଦୋଳବେଦୀ ଠାରେ ପୂଜାପଣ୍ଡା ହୋମ କଲାପରେ ପ୍ରସାଦ ଲାଗି ହୋଇ ଚାମର, ଆଲଟ ହୋଇଥିଲେ । ଅଗ୍ନି ଗୃହରେ ଅଗ୍ନି ସଂଯୋଗ ପରେ ବିମାନ ଅଗ୍ନି ଘର ଚାରିପଟେ ୭ ଘେରା ବୁଲି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଦୋଳପୂର୍ଣ୍ଣିମା ଓ ରାଜାବେଶ :

ତା ୧୮.୩.୨୨ ରିଖ ଶୁକ୍ରବାର ପବିତ୍ର ଦୋଳପୂର୍ଣ୍ଣମୀ ଅବସରରେ ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିଲା ପରେ ମୈଲମ ହୋଇ ଶ୍ରୀବିଗ୍ରହମାନେ ସର୍ବାଙ୍ଗ ଲାଗି ହୋଇଥିଲେ । ନୂଆ ବୋଇରାଣି ଶାଢ଼ୀ ଖଣ୍ଡୁଆ ଲାଗି ସହିତ ତ୍ରିମୁଣ୍ଡିରେ ଗଭା ଲାଗି ହୋଇଥିଲେ । ଏହାପରେ ମେକାପ ଘରୁ ଖଇକୋରା ଭୋଗ ଆସିବା ପରେ ପୂଜାପଣ୍ଡା ପଞ୍ଚୋପଚାରରେ ମଣୋହି କରିଥିଲେ । ଇତ୍ୟବସରରେ ମହାଜନ, ଅଖଣ୍ଡ, ମେକାପ, ଗରାବଡୁ, ପାଳିଆ ଖୁଣ୍ଟିଆଙ୍କ ଦ୍ୱାରା ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ସିଂହାସନ ଚାରିପଟେ ୭ ଘେରା ବେଢ଼ା ପରିକ୍ରମା କରିଥିଲେ । ଏହାପରେ ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ ହୋଇଥିଲେ । ଏଠାରେ ମହାସ୍ନାନ, ମାଜଣା ଓ ବନକଲାଗି ହୋଇ ନୂଆ ପାଟ ଓ ଶାଢ଼ୀ ଲାଗି ହୋଇ ମାଳଫୁଲ ଲାଗି ହୋଇଥିଲେ । ଏହାପରେ ଶୀତଳଭୋଗ ଛେକ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଭୋଗ ସରିଲା ପରେ ବନ୍ଦାପନା ହୋଇ ବିମାନକୁ ବିଜେ ପ୍ରତିମାମାନେ ବିଜେ ହୋଇଥିଲେ । ବିମାନରେ ଶ୍ରୀମନ୍ଦିରର ଭିତର ବେଢ଼ାକୁ ୭ ଘେରା ବେଢ଼ା କରିସାରିଲା ପରେ ଦୋଳବେଦୀକୁ ବିଜେ ହୋଇଥିଲେ । ଦୋଳବେଦୀ ଚାରିପଟେ ୭ଥର ବେଢ଼ା ହୋଇ ରୁନ୍ଧା ଫିଟିଲା ପରେ ବେଦୀ ଉପରେ ମହାଜନଙ୍କ ହାତରେ ୭ଥର ବେଢ଼ା ବୁଲି ଦୋଳିରେ ବିଜେ କରିଥିଲେ । ସେଠାରେ ସର୍ବସାଧାରଣ ଦର୍ଶନ ସରିଲା ପରେ ମହାସ୍ନାନ ବଢ଼ି ବେଶ ହୋଇଥିଲେ । ପରେ ପାଣିପଡ଼ି କ୍ରମାନ୍ୱୟରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ସକାଳଧୂପ, ମଧ୍ୟାହ୍ନଧୂପ ଓ ସନ୍ଧ୍ୟାଧୂପ ଷୋଡ଼ଶୋପଚାରରେ ସମାପନ ହୋଇଥିଲା । ଏହାପରେ ଦୋଳିରୁ ଓହ୍ଲାଇ ନିଉଛାଳି ପରେ ପୁନର୍ବାର ବେଦୀର ସିଂହାସନ ଚାରିପଟେ ୭ ଘେରା, ସିଂହାସନ ତଳ ମଣ୍ଡପରେ ୭ ଘେରା, ବିମାନକୁ ଆସି ବିମାନରେ ବେଦୀ ଚାରିପଟେ ୭ ଘେରା ପରିକ୍ରମା କଲାପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ମନ୍ଦିର ମଧ୍ୟରେ ୭ ଘେରା ପରିକ୍ରମା କଲାପରେ ବିମାନ ସରସ୍ୱତୀଙ୍କ ମନ୍ଦିର ନିକଟରେ ରହିଥିଲା । ସେଠାରେ ଶୀତଳଭୋଗ, ବନ୍ଦାପନା ହେବାପରେ ବିମାନ ୭ ପାହାଚ ଦେଇ ଭିତର କାଠ ପାଖକୁ ଆସିବା ପରେ ବନ୍ଦାପନା ଓ ଜଳଲାଗି ହୋଇ ଦକ୍ଷିଣ ଘରକୁ ଶ୍ରୀଦୋଳଗୋବିନ୍ଦ ଏବଂ ଶ୍ରୀଦେବୀ, ଭୂଦେବୀ, ରତ୍ନସିଂହାସନକୁ ବିଜେ ହୋଇଥିଲେ ।



ଏହି ଦିନ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ଶ୍ରୀବିଗ୍ରହମାନଙ୍କର 'ସୁନାବେଶ ବା ରାଜାବେଶ' ଅନୁଷ୍ଠିତ ହୋଇଥିଲା । ସିଂହାସନ ଚାରିପଟେ ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀଦୋଳଗୋବିନ୍ଦ ୭ଥର ବେଢ଼ା ପରିକ୍ରମା କରି ଜୟବିଜୟ ଦ୍ୱାର ଦେଇ ନାଭିକଟା ମଣ୍ଡପକୁ ବିଜେ କରିବା ପରେ ଶ୍ରୀବିଗ୍ରହମାନଙ୍କର ମଇଲମ ହୋଇ ରାଜବେଶ ହୋଇଥିଲା । ତତ୍ପରେ ଶ୍ରୀମନ୍ଦିରରେ ଗୋପାଳବଲ୍ଲଭ ଓ ସକାଳଧୂପ ଏବଂ ଭୋଗମଣ୍ଡପ ନୀତି ଶେଷ ହୋଇଥିଲା । ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଭକ୍ତମାନେ ଦୋଳବେଦୀରେ ବିଜେ ପ୍ରତିମାମାନଙ୍କୁ ଦର୍ଶନ କରିବା ସହ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହମାନଙ୍କର ମହାର୍ଘ ସୁନାବେଶ ଦର୍ଶନ କରିଥିଲେ ।

## ଶ୍ରୀମନ୍ଦିରରେ ହୋଲି ଉତ୍ସବ :

ତା ୧୯.୩.୨୨ ରିଖ ଶନିବାର ଚୈତ୍ର କୃଷ୍ଣ ପ୍ରତିପଦା ତିଥିରେ ହୋଲି ଉତ୍ସବ ନିମନ୍ତେ ମଧ୍ୟାହ୍ନ ଧୂପ ବେଶରେ ତିନି ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ସରି ପାଣିପଡ଼ିଲା ପରେ ଦକ୍ଷିଣ ଘର ଭୋଗ ସରିଥିଲା ଓ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହୋଇଥିଲେ । ଏହାପରେ ପୂଜାପଣ୍ଡା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଜ୍ଞାମାଳ ଦେଲା ପରେ ମହାଜନମାନେ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ କରାଇ ରୁନ୍ଧା ସରିଲା ପରେ ମାଳଫୁଲ ଲାଗି କରିଥିଲେ । ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବିମାନବଡୁମାନଙ୍କ ଦ୍ୱାରା ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ରାସ୍ତାରେ ନରେନ୍ଦ୍ର ଚକଡ଼ାକୁ ବିଜେ କରିଥିଲେ । ସେଠାରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ଶୀତଳଭୋଗ କରିଥିଲେ । ଭୋଗ ପରେ ମୁଦିରସ୍ତ ବନ୍ଦାପନା କରି ଚାମର, ଆଲଟ କରିଥିଲେ । ଏଠାରେ ସମସ୍ତ ନୀତି ସରିବା ପରେ ଦିଅଁମାନେ ବିଜେ ହୋଇ ଶ୍ରୀଦେବୀ, ଭୂଦେବୀ ରତ୍ନସିଂହାସନକୁ ଏବଂ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବିଜେ ହୋଇଥିଲେ ।

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୧) ଶ୍ରୀମଦନମୋହନ

ଶ୍ରୀମନ୍ଦିରରେ ଚୈତ୍ର ଶୁକ୍ଳ ଦ୍ୱାଦଶୀ ତିଥିରେ କନ୍ଦର୍ପପଟ୍ଟାଧିବାସ, ତ୍ରୟୋଦଶୀ ତିଥିରେ ଦୟଣାଚେରି ଓ ଚତୁର୍ଦ୍ଦଶୀ ତିଥିରେ ଦୟଣାଲାଗି ଉତ୍ସବ ବିଧି ଅନୁଯାୟୀ କରାଯାଇଥାଏ । ତ୍ରୟୋଦଶୀ ଦିନ ମଧ୍ୟାହ୍ନଧୂପ ସରିବା ପରେ ଆଜ୍ଞାମାଳ ପାଇ ରାମ ଓ କୃଷ୍ଣ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରନ୍ତି । ତାଙ୍କ ସହ କନ୍ଦର୍ପପଟି ଆସିଥାଏ ।ଶ୍ରୀଜଗନ୍ନାଥବଲ୍ଲଭ ମଠରେ ହୋମ, ଭୋଗ, ବନ୍ଦାପନା ଓ ଚାମର ଆଲଟ ନୀତି ସମ୍ପାଦିତ ହୁଏ । ଏହାପରେ ରାମ ଓ କୃଷ୍ଣ ନିଃଶବ୍ଦରେ ଦମନକ ଉଦ୍ୟାନକୁ ଗଲାପରେ ଭିତରଚ୍ଛ ମହାପାତ୍ର ସେବକ ରାମ ଓ କୃଷ୍ଣଙ୍କ ହାତରେ ଦୁଇଗଛ ଦୟଣା ଲାଗି କରନ୍ତି । ଅବଶିଷ୍ଟ ଚାରିଗଛ ଦୟଣାକୁ ପତ୍ରି ନୂଆ ତାଡ଼ରେ ଖଣ୍ଡୁଆ ଘୋଡ଼ାଇ ଠାକୁରଙ୍କ ସଙ୍ଗରେ ଶ୍ରୀମନ୍ଦିରକୁ ଆଣିଥାନ୍ତି । ଭିତରେ ବଡ଼ସିଂହାର ଭୋଗ ସରିବା ପରେ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ କରନ୍ତି । ଏହାପରେ ପୂଜାପଣ୍ଡା, ଶ୍ରୀଦେବୀ, ଭୂଦେବୀ ଓ ଶ୍ରୀମଦନମୋହନଙ୍କୁ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ମହାଜନ ସେବକମାନେ ଠାକୁରମାନଙ୍କୁ ହାତରେ ବିଜେ କରାଇ ଆଣି ଭୋଗମଣ୍ଡପ ଘରେ ଖଟ ଶେଯ ଉପରେ ବିଜେ କରାନ୍ତି । ତିନିଗୋଟି ଗଛକୁ ତିନି ଠାକୁର ଠାକୁରାଣୀଙ୍କ ହାତରେ ବନ୍ଧାଯାଏ ଓ ଅବଶିଷ୍ଟ ତିନିଗୋଟି ଗଛ ଚାଙ୍ଗୁଡ଼ିରେ ରଖାଯାଏ । ଶୀତଳଭୋଗ ପରେ ଭୋଗମଣ୍ଡପ ଘର ଦ୍ୱାରମାନଙ୍କୁ ବନ୍ଦକରି ତଢ଼ଉ ମୁଦ ଦିଅନ୍ତି ଓ ଲେଙ୍କା ପାଇକ ଦ୍ୱାରମାନ ଜଗି ରହନ୍ତି । ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ସକାଳଧୂପ ସରିବା ପରେ ମହାଜନମାନେ ଭୋଗମଣ୍ଡପ ଘରୁ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କୁ ହାତରେ ବିଜେ କରାଇ ଘଣ୍ଟ, ଛତା, କାହାଳୀ ସହ ବଡ଼ଦେଉଳକୁ ତିନିଘେରା ବୁଲି ଭିତର ସିଂହାସନରେ ବିଜେ କରାନ୍ତି । ଏହାପରେ ଛଅଗୋଟି ଦୟଣା ଗଛକୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥାଏ । ଏହାପରେ ଭିତରେ ପାଣିପଡ଼ି ମଧ୍ୟାହ୍ନ ଧୂପ ନୀତି ଅନୁଷ୍ଠିତ ହୋଇଥାଏ । ଶ୍ରୀମଦନମୋହନ ଦକ୍ଷିଣ ଘରକୁ ବିଜେ କଲାପରେ ଭୋଗମଣ୍ଡପ ଅନୁଷ୍ଠିତ ହୁଏ ।



ଶ୍ରୀମନ୍ଦିରରେ ମକର ସଂକ୍ରାନ୍ତି ପୂର୍ବଦିନ ମାସାନ୍ତରେ ମହାପ୍ରଭୁଙ୍କର ନବାଙ୍କ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହିଦିନ ଅନ୍ୟାନ୍ୟ ନୀତି ସରି ରାତ୍ରିରେ ବଡ଼ସିଂହାର ବେଶ ବଢ଼ି ପାଣି ପଡ଼ିଲେ ବଡ଼ସିଂହାର ଭୋଗ ଡାକିଯାଇ ଥାଏ, ଭୋଗ ଆସିଲା ପରେ ଦକ୍ଷିଣ ଘରୁ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ କରନ୍ତି । ପଞ୍ଚୋପଚାର ବିଧିରେ ମଣୋହି ହେଲାବେଳେ ଟୋପଡ଼ି ଭିତରେ ଭୋଗ ସରିଲେ ଶ୍ରୀମଦନମୋହନଙ୍କୁ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦିଆଯାଏ । ଆଜ୍ଞାମାଳ ପ୍ରାପ୍ତ ହେବା ପରେ ମହାଜନ ସେବକ ଶ୍ରୀମଦନମୋହନଙ୍କୁ ହାତରେ ବିଜେ କରାଇ ରତ୍ନସିଂହାସନକୁ ସାଢ଼େ ଚାରିଥର ପରିକ୍ରମା କରନ୍ତି । ଟେରାପଡ଼ି ଭିତରେ ବେଢ଼ା ହେଉଥିବା ବେଳେ ପ୍ରତିଥର ବେଢ଼ାରେ କାହାଳୀ ଦିଆଯାଏ । ସିଂହାସନ ଚାରିପଟେ ସାଢ଼େ ଚାରିବେଢ଼ା ବୁଲିବା ପରେ ଦ୍ୱାରଫିଟି ବଟମୂଳରେ ରଖାଯାଇଥିବା ବିମାନରେ ଶ୍ରୀମଦନମୋହନ ବିଜେ କରନ୍ତି । ତାହାପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ବିମାନରେ ଘଣ୍ଟ ଛତା କାହାଳୀ ସହ ମୁଖ୍ୟ ମନ୍ଦିରକୁ ସାଢ଼େ ଚାରିବେଢ଼ା ପ୍ରଦକ୍ଷିଣ କରାଇବା ପରେ ବଟବୃକ୍ଷ ମୂଳରେ ବିମାନକୁ ରଖିଥାନ୍ତି । ଏହାପରେ ମହାଜନମାନେ ଶ୍ରୀମଦନମୋହନଙ୍କୁ ହାତରେ ବିଜେ କରାଇ ଜୟବିଜୟ ଦ୍ୱାର ଲଣ୍ଡାବର୍ତ୍ତ ଉପରେ ରଖିବା ପରେ ପ୍ରସାଦ ଲାଗି ଓ ବନ୍ଦାପନା ବଢ଼ିଥାଏ । ଏ ଉତ୍ତାରେ ଶ୍ରୀମଦନମୋହନ ଦେବ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥାନ୍ତି ।

ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ଶ୍ରୀମନ୍ଦିରରେ ଦୀପଦାନ ବିଧି ବା ଦେବଦୀପାବଳୀ ଉତ୍ସବ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ । ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟାଧୂପ ପରେ ଧୋପଖାଳ ସରି ରତ୍ନସିଂହାସନ ତଳେ ଚଉଳରେ ଏକ ଗଛ ନିର୍ମିତ ହୋଇଥାଏ । ବଇଠାମାନଙ୍କରେ ଘୃତ ପୂର୍ଣ୍ଣ କରାଯାଇ ଏହି ଚଉଳ ଗଛରେ ବତୀ ବସାଯାଏ । ସେହି ବତୀ ଦୀପମାନଙ୍କର ସଂଖ୍ୟା ଅଠେଇଶ । ଏଥିମଧ୍ୟରୁ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ଯଥାକ୍ରମେ ନଅଗୋଟି କରି ଅଠରଗୋଟି ଓ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଦଶଗୋଟି ଦୀପ ନିର୍ଦ୍ଦିଷ୍ଟ ଥାଏ । ତିନିଗୋଟି ସୁନା ଆଳତି ଲଗାଯାଏ । ପୂଜାପଣ୍ଡା ଉକ୍ତ ଚଉଳ ଗଛଗୁଡ଼ିକୁ ସଂସ୍କାର କରି ପାଣି ଛଡ଼ାଇବା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସିଂହାସନ ଉପରକୁ ଉଠି ତିନିବାଡ଼ରେ ବନ୍ଦାପନା କରିଥାନ୍ତି । ପରେ ତିନିଗୋଟି ମହାଦୀପରେ ବନ୍ଦାପନା କରାଯିବା ପରେ ପୂଜକ ତିନିଜଣ ମହାଦୀପ ହାତରେ ଧରି ଜୟବିଜୟ ଦ୍ୱାରର ଭିତର ପାଖକୁ ଆସନ୍ତି । ସେଠାରେ ମଧ୍ୟ ଚଉଳରେ ଏକ ଗଛ କରାଯାଏ । ତାହାର ସଂସ୍କାରବିଧି ସରିବା ଉତ୍ତାରେ ସେହି ମହାଦୀପ କଳସଗୁଡ଼ିକ ପାଳିଆ ଚୂନରାଙ୍କୁ ଦିଆଯାଏ । ସେ ତେଲ ଓ ଘିଅ ନେଇ ମନ୍ଦିର ଉପରକୁ ଯାଇ ତିନି ଦେଉଳରେ ଦୀପମାନ ଜାଳନ୍ତି । ଅମାବାସ୍ୟା ଦିନ ଠିକ୍ ପୂର୍ବୋକ୍ତ ରୀତିରେ ନୀତି ପାଳିତ ହୋଇଥାଏ । କିନ୍ତୁ ଶୁକ୍ଳ ପ୍ରତିପଦା ଦିନ ପାଣି ପଡ଼ି ଚଉଳ ଗଛ ହେବା ପରେ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ କରନ୍ତି । ପ୍ରସାଦ ଲାଗି ବଢ଼ି ଚଉଳ ଗଛ ସଂସ୍କାର ପରେ ତିନି ବାଡ଼ରେ ବନ୍ଦାପନା ସରିଲେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାର ଭିତର ପାଖେ ବିଜେ କରିଥିବା ସମୟରେ ସେଠାରେ ଚଉଳ ଗଛର ସଂସ୍କାର କାର୍ଯ୍ୟ ସରିଲା ପରେ ଜୟବିଜୟ ଦ୍ୱାର ଫିଟାଯାଏ । ଏହାପରେ ତିନି ଠାକୁରଠାକୁରାଣୀ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରନ୍ତି । ରୁନ୍ଧା ବଢ଼ିବା ପରେ ବିମାନକୁ ଜଗନ୍ନାଥବଲ୍ଲଭ ମଠକୁ ନିଆଯାଏ । ଏଠାରେ କାଷ୍ଠଭଦ୍ରାସନ ଉପରେ ଚଉଳ ଗଛ କରାଯାଇ ଦୀପ ବସାଯାଏ । ଠାକୁରମାନଙ୍କର ପ୍ରସାଦ ଲାଗି ବଢ଼ିଲେ ପୂଜକ ଚଉଳ ଗଛର ସଂସ୍କାରବିଧି ସମ୍ପନ୍ନ କରନ୍ତି ଓ ବନ୍ଦାପନା କରାଯାଏ । ସେଠାରୁ ବିଜେପ୍ରତିମାମାନେ ବାହୁଡ଼ା ବିଜେ କରି ସ୍ୱସ୍ୱ ସ୍ଥାନକୁ ଯାଆନ୍ତି ।

(କ୍ରମଶଃ)

*ଡଃ. ନରେଶ ଚନ୍ଦ୍ର ଦାଶ*

● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*



ତା. ୨୩.୩.୨୨ରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟରେ ୩୪ ଖଣ୍ଡ ଅସନ ଓ ଧଉରା କାଠ ନୟାଗଡ଼ ବନଖଣ୍ଡରୁ ଦୁଇ ଗୋଟି ଟ୍ରକ୍ ଯୋଗେ ରଥ ଖଳା ଠାରେ ପହଞ୍ଚିଛି ।

# ଶ୍ରୀମନ୍ଦିରର ବର୍ଣ୍ଣନା

ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଚାରି ଭାଗରେ ବିଭକ୍ତ କରାଯାଇଛି :- (୧) ବିମାନ ବା ବଡ଼ ଦେଉଳ ଅର୍ଥାତ୍, ଶ୍ରୀବସ୍ତ ଖଣ୍ଡଶାଳ ମନ୍ଦିର (୨) ଜଗମୋହନ ବା ମୁଖଶାଳା (୩) ନାଟ ମନ୍ଦିର (୪) ଭୋଗମଣ୍ଡପ । ବର୍ତ୍ତମାନ ଲୋକେ ଜଗମୋହନକୁ ନାଟମନ୍ଦିର ଓ ନାଟମନ୍ଦିରକୁ ଜଗମୋହନ କହନ୍ତି । ଏହି ଚାରୋଟି ଯାକ ମନ୍ଦିର ବା ମନ୍ଦିରର ଚାରୋଟି ଯାକ ଭାଗ ଗୋଟିଏ ଅଗଣା ଦ୍ୱାରା ପରିବେଷ୍ଟିତ । ଏହାକୁ ଭିତର ବେଢ଼ା କହନ୍ତି । ଭିତର ବେଢ଼ା ଚାରିପାଖରେ ଯେଉଁ ପାଚେରି ରହିଛି, ତାକୁ କୂର୍ମ ପ୍ରାଚୀର କୁହାଯାଏ ଓ ଭିତର ବେଢ଼ାକୁ କୂର୍ମବେଢ଼ା ମଧ୍ୟ କୁହାଯାଏ । ଏହି ବେଢ଼ାର ଅଭ୍ୟନ୍ତର ସ୍ଥାନ କୂର୍ମାକୃତି ହୋଇଥିବାରୁ ଏହାକୁ କୂର୍ମବେଢ଼ା କହନ୍ତି । ଏହି କୂର୍ମ ପାଚେରିର ବାହାରଭାଗରେ ବାହାର ବେଢ଼ା ଅବସ୍ଥିତ । ବାହାର ବେଢ଼ାରେ ଆନନ୍ଦ ବଜାର, ବଗିଚା, ରୋଷଘର ପ୍ରଭୃତି ରହିଛି । ବାହାର ବେଢ଼ା ଚାରିପାଖେ ମଧ୍ୟ ଗୋଟିଏ ପାଚେରି ଅଛି । ଏହାର ଉଚ୍ଚତା ୨୨ଫୁଟ ଓ ପ୍ରସ୍ଥ ୬ ଫୁଟ ୫ ଇଞ୍ଚ । ଏହାକୁ ମେଘନାଦ ପାଚେରି କହନ୍ତି । ଲକ୍ଷ୍ମୀପୁରାଣରେ ଉଲ୍ଲେଖ ଅଛି ଯେ ସମୁଦ୍ରର ଗର୍ଜନରୁ ରକ୍ଷା ପାଇବା ପାଇଁ ଜଗନ୍ନାଥ ସ୍ୱୟଂ ଏହି ପାଚେରି ନିର୍ମାଣ କରାଇଛନ୍ତି । ତେଣୁ ଏହି ପାଚେରି ଭେଦକରି ସମୁଦ୍ର ଶବ୍ଦ ମନ୍ଦିର ଭିତରକୁ ପ୍ରବେଶ କରିପାରେ ନାହିଁ । ଅତଏବ ଜଗନ୍ନାଥଙ୍କ ମନ୍ଦିର ଚାରିପାଖେ ଦୁଇଗୋଟି ପ୍ରାଚୀର ରହିଛି ଓ ସେହି କାରଣରୁ ମନ୍ଦିର ପରିକ୍ରମା କରିବା ପାଇଁ ଦୁଇଗୋଟି ବେଢ଼ା ଅଛି । କିନ୍ତୁ ବାହାର ବେଢ଼ା ଅନ୍ତର୍ଗତ ସ୍ଥାନରେ ମନ୍ଦିରକୁ ପ୍ରଦକ୍ଷିଣ କରିବା ବା ବେଢ଼ା ବୁଲିବାର ସୁବିଧା ନାହିଁ । ଭିତର ବେଢ଼ା ବା କୂର୍ମ ବେଢ଼ା ଅନ୍ତର୍ଗତ ସ୍ଥାନରେ ପରିକ୍ରମା କରିବା ସୁବିଧାଜନକ ।



ଯାତ୍ରୀମାନେ ପୂର୍ବଦ୍ୱାର ବା ସିଂହଦ୍ୱାର ମଧ୍ୟ ଦେଇ ମନ୍ଦିରରେ ପ୍ରବେଶ କରି ବାଇଶି ପାହାଚ ଦେଇ ଏହି ବେଢ଼ାରେ ପ୍ରବେଶ କରନ୍ତି ଓ ମନ୍ଦିରକୁ ପ୍ରଦକ୍ଷିଣ କରନ୍ତି । ପୁଣି ଏହି ବେଢ଼ା ମଧ୍ୟରେ ହିଁ ଜଗନ୍ନାଥଙ୍କର ଅଧିକାଂଶ ପାର୍ଶ୍ୱ ଦେବଦେବୀମାନଙ୍କର ମନ୍ଦିର ଅବସ୍ଥିତ । ବେଢ଼ାର ପୂର୍ବ ଭାଗରେ ପ୍ରବେଶ କରିବା ପରେ ବାମ ପାର୍ଶ୍ୱରେ ଯାଇ ଦର୍ଶନ କରିବା ମନ୍ଦିରର ପଦ୍ଧତି ଅଟେ । ଯାତ୍ରୀମାନେ ଭିତର ବେଢ଼ାରେ ବିଭିନ୍ନ ଦେବଦେବୀଙ୍କୁ ଦର୍ଶନ କରିବାବେଳେ କୂର୍ମ ପାଚେରିର ଦକ୍ଷିଣ, ପଶ୍ଚିମ ଓ ଉତ୍ତର ଦ୍ୱାର ବାଟେ ବାହାର ବେଢ଼ାକୁ ଆସି ସେଠାରେ ଥିବା ଦେବଦେବୀଙ୍କୁ ଦର୍ଶନ କରିଥାନ୍ତି । ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବା ପରେ ସେମାନେ ଉତ୍ତରପଟର ସାତପାହାଚ ଦ୍ୱାର ଦେଇ ଜଗମୋହନ (ମୂଳ ନାଟମନ୍ଦିର)ରେ ପ୍ରବେଶ କରନ୍ତି ଓ ଗରୁଡ଼ସ୍ତମ୍ଭ ପଛଆଡ଼େ ରହି ରତ୍ନସିଂହାସନସ୍ଥିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରନ୍ତି । ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଆନୀତ ଭୋଗନୈବେଦ୍ୟ ମଧ୍ୟ ଏଠାରେ 'ସର୍ପାମଣୋହି' ପଦ୍ଧତିରେ ପୂଜାପଣ୍ଡାମାନଙ୍କ ଦ୍ୱାରା ଭୋଗ କରାଯାଏ ।

ମନ୍ଦିରର ଚାରିଗୋଟି ମୁଖ୍ୟ ଦ୍ୱାର ଅଛି । ପୂର୍ବ ଦ୍ୱାରକୁ ସିଂହଦ୍ୱାର କୁହାଯାଏ । କାରଣ ଏହି ଦ୍ୱାରର ଦୁଇପାଖରେ ଦୁଇଗୋଟି ବଡ଼ ବଡ଼ ସିଂହମୂର୍ତ୍ତି ଅଛି । ଦ୍ୱାରର ଉପରେ ଲକ୍ଷ୍ମୀଦେବୀଙ୍କର ମୂର୍ତ୍ତି ଓ ନବଗ୍ରହ ମୂର୍ତ୍ତି ମଧ୍ୟ ବିଦ୍ୟମାନ । ଏହି ଦ୍ୱାରର ଖୋଦନକଳା ଓ ଚିତ୍ରକଳା ମନୋହର । ଦ୍ୱାରର ଦୁଇପାଖେ ଉପରକୁ ଜୟ-ବିଜୟଙ୍କ ମୂର୍ତ୍ତି ମଧ୍ୟ ରହିଛି । ଅନ୍ୟ ତିନିଗୋଟି ଦ୍ୱାର ମଧ୍ୟରୁ ଦକ୍ଷିଣ ଦ୍ୱାରଟି ଅଶ୍ୱ ଦ୍ୱାର, ପଶ୍ଚିମ ଦ୍ୱାରଟି ବ୍ୟାଘ୍ର ଦ୍ୱାର ଓ ଉତ୍ତର ଦ୍ୱାରଟି ହସ୍ତୀ ଦ୍ୱାର ନାମରେ ପରିଚିତ । ବିଭିନ୍ନ ତୀର୍ଥ ଯାତ୍ରୀମାନେ ସେମାନଙ୍କ ଧର୍ମ ବିଶ୍ୱାସ ନେଇ ବିଭିନ୍ନ ଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରିଥାନ୍ତି ।

*(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଗହଣ ବିଜେ' କହିଲେ କ'ଣ ବୁଝାଯାଏ ?
   ଉ - ରାଣୀ, ଦାସୀ ଓ ଅନ୍ୟ ପରିଚାରିକାଙ୍କ ଗହଣରେ ରାଜାଙ୍କର ଶ୍ରୀମନ୍ଦିରକୁ ବିଜେ ।

୨. ପ୍ର - ଶ୍ରୀମନ୍ଦିର ଭିତରେ 'ଗାରଦ ଘର' କ'ଣ ଗୁରୁତ୍ୱ ବହନ କରେ ?
   ଉ - ଶ୍ରୀମନ୍ଦିର ନୀତି ପରିଚାଳନା କାର୍ଯ୍ୟ ଚାଲିଥିବା ଏକ ମଣ୍ଡପ । ଭିତରେ ଥିବା ଗାରଦ ନାରାୟଣ ଠାକୁରଙ୍କୁ ଦୈନିକ ପୂଜା ହୁଏ । ବର୍ତ୍ତମାନ ମନ୍ଦିରର ଆରକ୍ଷୀ ବାହିନୀ ଏଠାରେ ଅବସ୍ଥାନ କରୁଛନ୍ତି ।

୩. ପ୍ର - ଶ୍ରୀମନ୍ଦିର ପୂଜା-ବିଧିରେ 'ଗୀତଗୋବିନ୍ଦ ସେବକ'ଙ୍କ ଭୂମିକା କ'ଣ?
   ଉ - ଶ୍ରୀମନ୍ଦିରରେ ଏହି ସେବକ ଚନ୍ଦନ ଲାଗି ସମୟରେ ଭିତର କାଠ ପାଖରେ ଗୀତଗୋବିନ୍ଦ ପାଠ କରନ୍ତି ।

୪. ପ୍ର - ଶ୍ରୀମନ୍ଦିର ପୂଜା-ବିଧିରେ 'ଗୁଆ' କ'ଣ ଗୁରୁତ୍ୱ ବହନ କରିଥାଏ ?
   ଉ - ବିଭିନ୍ନ ପୂଜା ଓ ବ୍ରତ ବିବାହାଦି ମଙ୍ଗଳ କାର୍ଯ୍ୟରେ ଏକ ପବିତ୍ର ଫଳ ରୂପେ ଗ୍ରହଣ କରାଯାଏ ଓ ବନ୍ଧୁ ନିମନ୍ତ୍ରଣ ଆଦି କାର୍ଯ୍ୟରେ ବ୍ୟବହୃତ ହୁଏ । ବୈଦିକ ଅନୁଷ୍ଠାନରେ ଏହା ଏକ ପ୍ରଥମ ଓ ପ୍ରଧାନ ଅଙ୍ଗ । ଏହା କଟା ହୋଇ ପାନ ସଙ୍ଗେ ଖିଆଯାଏ । ଶ୍ରୀମନ୍ଦିର ଧୂପ ପରମ୍ପରାରେ ଟେରା ଫିଟିବା ପୂର୍ବରୁ ଶ୍ରୀଜଗନ୍ନାଥଙ୍କୁ ବିଡ଼ିଆ ମଣୋହିରେ ଖିଲିପାନ ଅର୍ପଣ କରାଯାଏ । ଏହି ଖିଲିପାନରେ ଅଳେଇଚ, ଲବଙ୍ଗ, କର୍ପୂର, ଯାଇପତ୍ରି ସହ ଶୁଖିଲା ଗୁଆ ମଧ୍ୟ ଲାଗି ହୁଏ । ହଡ଼ପ ନାଏକ ବନ୍ଧା ବିଡ଼ିଆ ତିନି ଠାକୁରଙ୍କ ପାଖରେ ରୂପା ବଟାରେ ଦିଅନ୍ତି । ଏହା ବିଡ଼ିଆ ମଣୋହି ନାମରେ ପରିଚିତ ।

୫. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଗୁଆଲି' କହିଲେ କ'ଣ ବୁଝାଯାଏ ?
   ଉ - ଶ୍ରୀଜଗନ୍ନାଥଙ୍କ ସେବକ ପରମ୍ପରାରେ ବିବାହର ତୃତୀୟ ଦିନ ବରକନ୍ୟାଙ୍କ ପରିକ୍ରମା । ଶ୍ରୀଜଗନ୍ନାଥଙ୍କ ବିବାହ ନୀତି ଓ ବ୍ରାହ୍ମଣ ସେବକଙ୍କ ବିବାହରେ ଏହି ରୀତି କେବଳ ପୁରୀରେ ଅନୁସୃତ ହୁଏ ।

୬. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଗୁଆଟେକା' କ'ଣ ଗୁରୁତ୍ୱ ବହନ କରିଥାଏ ?
   ଉ - ଶ୍ରୀନଅର ଠାରେ ବନଯାଗ ଯାତ୍ରୀ ଦଳ ପହଞ୍ଚିବା ପୂର୍ବରୁ ଶ୍ରୀଗଜପତି ମହାରାଜା ତାଙ୍କ ଶ୍ରୀହସ୍ତରେ ନବକଳେବରର ବରଣ କାର୍ଯ୍ୟ ପାଇଁ ଗୁଆ ନଡ଼ିଆ ଇତ୍ୟାଦି ରାଜଗୁରୁଙ୍କ ହାତକୁ ଟେକି ଦେଇଥାନ୍ତି । ବନଯାଗ ଦଳ ରାଜନବରରେ ପହଞ୍ଚିଲେ ରାଜଗୁରୁ ସେହି ଶୁଭ ଗୁଆ ଏବଂ ନଡ଼ିଆ ଆଦିକୁ ବିଶ୍ୱାବସୁଙ୍କୁ ପ୍ରଦାନ କରନ୍ତି । ଏଥିପୂର୍ବରୁ ରାଜଗୁରୁ ବନଯାଗର ଯାଜ୍ଞିକ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ ସ୍ଥିରୀକୃତ ଶ୍ରୋତ୍ରିୟ ବ୍ରାହ୍ମଣମାନଙ୍କୁ ବରଣୀୟ ଦ୍ରବ୍ୟ ପ୍ରଦାନ କରି ବନଯାଗର ଶୁଭାନୁଷ୍ଠାନ ପାଇଁ ଗଜପତିଙ୍କ ତରଫରୁ ଅନୁରୋଧ ଜଣାନ୍ତି । ଏହି ବିଧିର ଲୋକଚାରରେ ନାମ ହେଉଛି 'ଗୁଆଟେକା' ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଯୁଗେ ଯୁଗେ ରଥଯାତ୍ରା ...


# ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

## (୧୮) ୧୮୬୦ ମସିହା ପୁରୀ ରଥଯାତ୍ରା

୧୮୬୦ ମସିହା ଜୁଲାଇ ତାରିଖ ଦିନ, ପୁରୀ ମାଜିଷ୍ଟ୍ରେଟଙ୍କ ଠାରୁ କମିନଶରଙ୍କୁ ଦିଆ ଯାଇଥିବା ପତ୍ର ।

ଅତି ଶାନ୍ତି ଶୃଙ୍ଖଳାର ସହିତ କୌଣସି ଦୁର୍ଘଟଣା ନ ଘଟି ଯାତ୍ରା ସମାପ୍ତ ହୋଇଥିଲା । ଏହା ଖୁବ ସନ୍ତୋଷ ଜନକ ଅଟେ । ମୁଁ ଭାବୁଛି ଏ ବର୍ଷ ଅତ୍ୟଧିକ ସଂଖ୍ୟାରେ ତୀର୍ଥଯାତ୍ରୀ ଆସିଥିଲେ । ମୋର ଅନୁମାନ ପ୍ରାୟ



୬୦,୦୦୦, କିନ୍ତୁ ରଜାଙ୍କ ଦିୱାନ କହିବା ଅନୁସାରେ ଅଠରନଳା ଦେଇ କେବଳ ବଙ୍ଗାଳି ଯାତ୍ରୀ ଆସିଛନ୍ତି ୬୦,୦୦୦ ଏବଂ ମୁଁ ନିଶ୍ଚିତ ଯେ ତୃତୀୟ ଦିନ ବଡ଼ ଦାଣ୍ଡରେ ଅତି କମ୍‌ରେ ୧,୦୦,୦୦୦ ଜନ ସମାଗମ ହୋଇଥିଲା ।

ନବଯୌବନ ଦର୍ଶନ ଦିନ ଲୋକସଂଖ୍ୟା ଏତେ ଅଧିକ ହୋଇଥିଲା ଯେ ମାତ୍ର ଦୁଇଘଣ୍ଟା ଭିତରେ ଲୋକମାନେ ଅତ୍ୟଧିକ ଗରମ ଯୋଗୁଁ ସଂଜ୍ଞାହୀନ ହେବାକୁ ଲାଗିଲେ । ଶେଷକୁ ମୁଁ, ଦିୱାନ ଓ ଅନ୍ୟାନ୍ୟ ପ୍ରତିନିଧିମାନଙ୍କୁ ଏହାର ପ୍ରତିକାର ପାଇଁ ଅନୁରୋଧ କରିବାକୁ ବାଧ ହୋଇଥିଲି ଏବଂ ମନ୍ଦିର ବନ୍ଦ କରାଯାଇଥିଲା ।

ପରବର୍ତ୍ତୀ ଦିନ 'ବ୍ଲାଣ୍ଡ', 'ଡାଲମାୟେ' ଏବଂ 'ଲେସି' ମହୋଦୟ ମୋତେ ସାହାଯ୍ୟ କରିଥିଲେ ଏବଂ ପ୍ରାୟ ଛରିଘଣ୍ଟା କାଳ ଅକ୍ଳାନ୍ତ ପରିଶ୍ରମ କରିବା ପରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶାଧିକାର ଦିଆ ଯାଇଥିଲା । ଉପରଲିଖିତ ବ୍ୟକ୍ତିମାନେ ଏବଂ ତିରିଶଜଣ ମିଲିଟାରୀ ପୋଲିସ୍‌ଙ୍କର ସାହାଯ୍ୟରେ ସେଦିନ ବହୁତ ଲୋକଙ୍କର ଜୀବନ ରକ୍ଷା ପାଇଥିଲା । ମୁଁ ସେଥିପାଇଁ ସେମାନଙ୍କ ପ୍ରତି କୃତଜ୍ଞ ।

ମନ୍ଦିର ଭିତରେ ଭୀଡ଼କୁ ନିୟନ୍ତ୍ରଣ କରିବା ନିମନ୍ତେ କାଠର ପ୍ରତିବନ୍ଧକ (ବ୍ୟାରିକେଡ୍) ଗୁଡ଼ିକ ହିଁ ଯଥେଷ୍ଟ ଥିଲା । ଅତ୍ୟଧିକ ବଳ ପ୍ରୟୋଗ କରିବା ଏବଂ ବେତ ଦ୍ୱାରା ପ୍ରହାର କରିବା ଅତି ନିମ୍ନମାନର ବ୍ୟବସ୍ଥା ଅଟେ । କିନ୍ତୁ ଯେତେବେଳେ ଲୋକମାନେ ମନ୍ଦିର ଭିତରକୁ ଯିବା ପାଇଁ ପାଗଳ ପରି ହେଉଛନ୍ତି, ସେ ପରିସ୍ଥିତିରେ କୌଣସି ଭଦ୍ରୋଚିତ ବ୍ୟବହାର ଏବଂ ଶୃଙ୍ଖଳିତ ପରିଚାଳନା ସମ୍ଭବ ନଥିଲା ।

କୌଣସି ଜୀବନ ହାନୀ ନ ଘଟିବାର ଏକ ପ୍ରଧାନ କାରଣ ହେଲା ଦଉଡ଼ି ଦ୍ୱାରା ବରକନ୍ଦାଜମାନେ ରଥଗୁଡ଼ିକୁ ଘେର ଭିତରେ ରଖିବାର ଏକ ଅଭିନବ ବ୍ୟବସ୍ଥାର ପ୍ରଚଳନ ମୁଁ କରିଥିଲି ।

(ରଥର ଦୁଇ ଦିଗରେ ଦଉଡ଼ି ଘେର ଦେବା ଏବଂ ପୋଲିସ ବାହିନୀ ମୁତୟନ ବ୍ୟବସ୍ଥାକୁ କମିଶନର ଅନୁମୋଦନ ଦେଇଥିଲେ କିନ୍ତୁ ବେତର ବ୍ୟବହାରକୁ ସେ ନାପସନ୍ଦ କରିଥିଲେ ।) ● (ଅନୁବାଦିତ)

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** ଶ୍ରୀମନ୍ଦିର ପ୍ରଶାସନ, ପୁରୀ

ଐତିହ୍ୟ ପୃଷ୍ଠାରୁ ...


# ଭୂସ୍ୱର୍ଗରେ ମହାପୁରୁ

ଆମେ ଯେଉଁ ଲୋକରେ ବାସ କରୁଛେ, ସେହି ଲୋକର ସ୍ୱର୍ଗ ହେଉଛି ଶ୍ରୀପୁରୁଷୋତ୍ତମ କ୍ଷେତ୍ର । ଯେ ମନଗଢ଼ା କଥା ନୁହେଁ । ମହର୍ଷିମାନଙ୍କର ଘୋଷଣା । ପ୍ରାଚୀନ ପୋଥିପତ୍ରରେ ଦରଜ ହୋଇଛି 'ଭୂସ୍ୱର୍ଗ' ।

'ଭୂସ୍ୱର୍ଗଂ ସାମ୍ପ୍ରତଂ ହ୍ୟେଷ କଥିତ ପୁରୁଷୋତ୍ତମଃ' ।

ଏହା ସ୍କନ୍ଦ ପୁରାଣ (ଉ.ଖ.୬/୨୮)ର ଘୋଷଣା । ଆମେ ଜାଣିଛେ ବ୍ରହ୍ମବୈବର୍ତ୍ତ ମହାପୁରାଣରେ କୁହାଯାଇଥିଲା ବୈଷ୍ଣବୀୟ ଧାରାରେ ପୁରୁଷୋତ୍ତମ କ୍ଷେତ୍ର ସାକ୍ଷାତ 'ମର୍ତ୍ତ୍ୟ-ବୃନ୍ଦାବନ' ।

'ଏକଂ ତୁ ମାଥୁରେଦେଶେ ତଥାନ୍ୟତ୍ ପୁରୁଷୋତ୍ତମେ'



ଅନେକ ଶାସ୍ତ୍ରରେ ପୁରୁଷୋତ୍ତମ କ୍ଷେତ୍ରର ଅଧିପତି ଶ୍ରୀପୁରୁଷୋତ୍ତମ ବୋଲି ସ୍ୱୀକାର କରାଯାଇଛି । ଆଦି ଶଙ୍କରାଚାର୍ଯ୍ୟ ସେଇ ଧାରାକୁ ପ୍ରବର୍ତ୍ତନ କରାଇ ନୂତନ ଦିଗ ପ୍ରତିଷ୍ଠା କରିଦେଇଗଲେ ।

ଆମକୁ ଏକ ଧାରଣା ଦିଆଯାଇଛି ପ୍ରଥମେ ଶ୍ରୀପୁରୁଷୋତ୍ତମ, ପରେ ଶ୍ରୀଜଗନ୍ନାଥ ସମୀକରଣ ହୋଇଛନ୍ତି । କିନ୍ତୁ ଅନୁସନ୍ଧାନରୁ ଜଣାଯାଏ ତାହା ଠିକ୍ ନୁହେଁ । ଏହି ସମୀକରଣ ବହୁ ପ୍ରାଚୀନ । ଶ୍ରୀଲକ୍ଷ୍ମୀ ତନ୍ତ୍ରମ୍ ଗ୍ରନ୍ଥରୁ ଏହାର ପ୍ରମାଣ ମିଳେ । ପାଞ୍ଚରାତ୍ର ଶାସ୍ତ୍ରର ଅନ୍ୟତମ ଶ୍ରେଷ୍ଠ ଗ୍ରନ୍ଥ ଶ୍ରୀଲକ୍ଷ୍ମୀତନ୍ତ୍ରରେ ପ୍ରମାଣ କରାଯାଇଛି ଶ୍ରୀଜଗନ୍ନାଥ ହେଉଛନ୍ତି ବିଭବାନ୍ତର ସ୍ୱରୂପ । ପାଞ୍ଚରାତ୍ରର ଯୋଗୀମାନେ ଏହି ଶବ୍ଦର ଅର୍ଥ କରିଛନ୍ତି- ଦେବତା ଅଥବା ମଣିଷ ରୂପରେ ଆବିଷ୍ଟ ହୋଇ ଯେତେବେଳେ ପରମସତ୍ତା ଅର୍ଥାତ୍ ବ୍ରହ୍ମ ଜଗତର ମଙ୍ଗଳ କରନ୍ତି, ସେହି ସ୍ୱରୂପ ହେଉଛି- ବିଭବାନ୍ତର ସ୍ୱରୂପ । ସେଥିପାଇଁ ଘୋଷଣା କଲେ-

'ଜଗଦ୍ଧିତଂ ଜଗନ୍ନାଥ ସ୍ୱଜଞ୍ଜେୟଂ ବିଭବାନ୍ତରମ୍' । ଜଗତର ହିତପାଇଁ ଜଗନ୍ନାଥ ଧାରଣ କରିଛନ୍ତି ବିଭବାନ୍ତର ରୂପ । ଜଗତ ମଙ୍ଗଳ ରହସ୍ୟର କଥା ଇଏ । ତାରି ଭିତରେ ଲୋକ- ମଙ୍ଗଳ କାମନା ରହିଛି । ଉପାସନା ମାଧ୍ୟମରେ ଆମେ ତାଙ୍କର ନିକଟତର ହୋଇଛେ । ଲୋକବତ୍ ଲୀଳା କୈବାଲ୍ୟମ୍'ର ଗହନ ରହସ୍ୟ ହେଉଛି ଇଏ.... । ●

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧



ତା. ୪.୩.୨୨ରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ୍ ବୋର୍ଡ଼ (ସି.ବି.ଡି.ଟି) ର ସଦସ୍ୟ ଶ୍ରୀଯୁକ୍ତ ନୀତିନ୍ ଗୁପ୍ତା ସସ୍ତ୍ରୀକ ଶ୍ରୀମନ୍ଦିର ଓ.ଏସ୍.ଡି. ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀ ଏବଂ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ମହାନ୍ତିଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି ।

# ଶ୍ରୀମନ୍ଦିରରେ ଦୋଳ ଉତ୍ସବ ...








# ଫଟୋରେ ଖବର...



ତା. ୨୮.୨.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ପ୍ରଶାସକ (ସୁରକ୍ଷା) ଶ୍ରୀଯୁକ୍ତ ସ୍ୱପ୍ନରଞ୍ଜନ ମହାପାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ।



ତା. ୨.୩.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର
ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ
'ଅର୍ଥ ସବ୍-କମିଟି' ବୈଠକ ।



ତା. ୪.୩.୨୨ରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟର ସଚିବଙ୍କ
ଶ୍ରୀମହାପ୍ରଭୁଙ୍କ ଦର୍ଶନ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରସାଶକ
ଡଃ. କ୍ରିଷନ୍ କୁମାର ସମ୍ମାନିତ କରୁଛନ୍ତି ।



ତା. ୭.୩.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ
ଡଃ. କ୍ରିଷନ୍ କୁମାରଙ୍କ ବିଦାୟକାଳୀନ ଅବସରରେ ଶ୍ରୀମନ୍ଦିର ପ୍ରଶାସକ
(ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ ଲାଗି ଖଣ୍ଡୁଆ ପ୍ରଦାନ କରୁଛନ୍ତି ।



ତା. ୭.୩.୨୨ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ
ଡଃ. କ୍ରିଷନ୍ କୁମାରଙ୍କ ବିଦାୟକାଳୀନ ଅବସରରେ ଉପସ୍ଥିତ ଶ୍ରୀମନ୍ଦିର ପ୍ରଶାସକ
(ଉନ୍ନୟନ) ଶ୍ରୀଯୁକ୍ତ ଅଜୟ କୁମାର ଜେନା, ଉପ-ପ୍ରଶାସକ (ରାଜସ୍ୱ)
ଶ୍ରୀଯୁକ୍ତ ସୁବ୍ରତ କୁମାର ବେହେରା, ଓ.ଏସ୍.ଡ଼ି. ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀ
ଏବଂ କାର୍ଯ୍ୟାଳୟ କର୍ମଚାରୀବୃନ୍ଦ ।



ତା. ୧୨.୩.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଜିଲ୍ଲାପାଳ ତଥା
ଶ୍ରୀମନ୍ଦିର ଉପ ମୁଖ୍ୟ-ପ୍ରଶାସକ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ
ଆହୂତ 'ନୀତି ସବ୍-କମିଟି ଓ ଛତିଶା ନିଯୋଗ ଯୁଗ୍ମ' ବୈଠକ ।

# ପଇତା ଗୋଟିଏ ଥିବ ଦକ୍ଷିଣ ଯେ କଂଧେ

ଓଡ଼ିଶାରେ ଧାର୍ମିକ ଏବଂ ଆଧ୍ୟାତ୍ମିକ ଆନ୍ଦୋଳନର ପୁରୋଭାଗରେ ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ଜଗନ୍ନାଥ ଏବଂ ବଳରାମ ଦାସ ଥିଲେ । ଏମାନଙ୍କ ମଧ୍ୟରେ କେବଳ ଜଗନ୍ନାଥ ଦାସଙ୍କୁ ଛାଡ଼ିଦେଲେ ଅନ୍ୟ ଚାରିଜଣ ବ୍ରାହ୍ମଣ ନଥିଲେ ବୋଲି କୁହାଯାଇଛି । ଜଗନ୍ନାଥ ଦାସ 'ଦାସ' ସାଙ୍ଗାକୁ ଭଟ୍ଟ ମିଶ୍ର ସାଆନ୍ତ ବ୍ରାହ୍ମଣଙ୍କ ଠାରୁ ଦୂରେଇ ରଖୁଥିଲେ । ସାରଳା ଦାସଙ୍କ ଠାରୁ ଆରମ୍ଭ ହୋଇଥିବା ଦାସ ସାଙ୍ଗା ପରମ୍ପରା ସାଧକ, ପଣ୍ଡିତ ଏବଂ ବିଜ୍ଞ ବ୍ୟକ୍ତିଙ୍କ ମଧ୍ୟରେ ଏବେଯାଏ ପ୍ରଚଳିତ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବୈଦିକ ନୀତିକୁ ଅନୁସରଣ କରି ପୂଜାପାଠ କରିବା ପାଇଁ ଯଜ୍ଞୋପବୀତ ଧାରଣ କରିବାକୁ ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ଅନୁଗାମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କ ଲେଖାରେ ରହିଛି-



'ବ୍ରହ୍ମ ଯେ ଗୋପାଳ ବେଶ ଧରିବ ଯେ ତୁମ୍ଭେ
ପଇତା ଗୋଟିଏ ଥିବ ଦକ୍ଷିଣ ଯେ କଂଧେ ।'

ଅଚ୍ୟୁତାନନ୍ଦଙ୍କ ଲେଖା 'ଗୋପାଳଙ୍କ ଓଗାଳ'କୁ ସମବେତ କଣ୍ଠରେ ଗାନ କରି ଲଉଡ଼ି ଖେଳିବା ପରଂପରା ଏବେ ଗୋପାଳକୁଳରେ ରହିଛି । ଏପରିକି ଶ୍ରୀଜଗନ୍ନାଥ ମହାପ୍ରଭୁ 'ଗୋପୀଜନ ବଲ୍ଲଭ' ରୂପରେ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ର 'ବାସୁଦେବାୟ' ମନ୍ତ୍ରରେ ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି । ଚିତ୍ରୋତ୍ପଳା ନଦୀ ତଟରେ 'ନେମାଳ' ଗାଦିରେ ଅଚ୍ୟୁତାନନ୍ଦଙ୍କୁ ପୂଜା କରାଯାଉଛି । ତାଙ୍କ ଜନ୍ମତିଥି ସେଠାରେ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହେଉଛି । ଚିତ୍ରୋତ୍ପଳା ନଦୀ ତଟରେ 'ଧ୍ୟାନକୁଦ' ବୋଲି ସୁନ୍ଦର ନିକାଞ୍ଚନ ସ୍ଥାନଟିଏ ରହିଛି । ପୂର୍ବେ ଏଠାରେ ବିଭିନ୍ନ ପ୍ରକାର ବୃକ୍ଷରାଜି ସୁଶୋଭିତ ଥିଲା । ମୁଖ୍ୟତଃ ବାଲୁକା ପରିପୂର୍ଣ୍ଣ ପୀଠରେ ଅଧୁନା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରଟିଏ ଶୋଭାପାଉଛି । ସ୍ଥାନୀୟ ବାସିନ୍ଦାମାନେ ବିଶ୍ୱାସ କରନ୍ତି ପଞ୍ଚସଖାମାନେ ଏଠାରେ ବେଳେବେଳ ଏକାଠି ହେଉଥିଲେ ଏବଂ ଧ୍ୟାନ କରୁଥିଲେ । ଅଚ୍ୟୁତାନନ୍ଦଙ୍କ ସମୟରେ ବର୍ତ୍ତମାନର କାକଟପୁର, ଅସ୍ତରଙ୍ଗ, କୋଣାର୍କ ପ୍ରଭୃତି ଅଞ୍ଚଳକୁ 'ଦଣ୍ଡକ ଅରଣ୍ୟ' କୁହାଯାଉଥିଲା । ଏହି ଅଞ୍ଚଳରେ ପୂର୍ବେ ପ୍ରାଚୀନଦୀ କୂଳରେ ବହୁ ଯତି, ତପସ୍ୱୀ, ସନ୍ନ୍ୟାସୀ ସାଧକମାନେ ଗୁମ୍ଫା ଓ ପର୍ଣ୍ଣକୁଟୀରରେ ବାସ କରୁଥିଲେ । ଏମାନଙ୍କ ମଧ୍ୟରେ କେତେକ ସାଧକ ପବନ ଏବଂ ପତ୍ର ଆହାର କରି ଜୀବନ ରକ୍ଷା କରୁଥିଲେ । ଏମାନେ ଯୋଗାରୁଢ଼ ସାଧକ ଥିଲେ । ଏଠାରେ 'ବାଲିଗାଁ ଦାସ' ଏବଂ 'ଲୋହି ଦାସ' ମଠ ନିର୍ମାଣ କରି ରହୁଥିଲେ । ମଲ୍ଲିକାନାଥ ଗୁରୁଙ୍କ ଆଜ୍ଞାରେ ଯୋଗ ସାଧନା କରୁଥିଲେ । ଅଚ୍ୟୁତାନନ୍ଦଙ୍କ ଶୂନ୍ୟ ସଂହିତାରେ ଏ ସଂପର୍କରେ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି-

'ଇଚ୍ଛାଏ ଯାଆନ୍ତି ତପି ଖଏ ଯୂଣ କ୍ଷଣେ
ଶ୍ରୀକୃଷ୍ଣଙ୍କ ନିଯୋଗ ଯେ ଆଣନ୍ତି ପ୍ରତିଦିନେ ।
ଏମାନେ ଯୋଗାରୁଢ଼ ସାଧନ୍ତି ଏ ବ୍ରହ୍ମଜ୍ଞାନ ମୂଳ
କେବଳ ପିନ୍ଧନ୍ତି ମୁନି ବୃକ୍ଷର ବକଳ ।
ଏ ସବୁ ଋଷି ଆଶ୍ରମ କେ ରହେ କେ କ୍ଷଣେ
ବଡ଼ ଯେ ଦୁର୍ଗମ କଳା ବୁଲୁଥାନ୍ତି ବନେ ।
କେହୁ ଫଳମୂଳ ଖାନ୍ତି କେହୁ ଖାନ୍ତି ଜଳ
କେହୁ ଖାନ୍ତି ପତ୍ରମାନ କେ ରହେ ନିର୍ଜଳ ।'

ସେତେବେଳେ ନାଗାନ୍ତକ, ଯୋଗାନ୍ତ ଏବଂ ତାନ୍ତ୍ରିକ ବିଦ୍ୟା ଜନସମାଜରେ ପ୍ରଚ୍ଛର ପ୍ରସାର ଲାଭ କରିଥିଲା । ଅଚ୍ୟୁତାନନ୍ଦଙ୍କ ସମୟରେ ଗୋରଖନାଥଙ୍କ ବିଦ୍ୟା, ବୀରସିଂହଙ୍କ ଆଜ୍ଞା, ମଲ୍ଲିକାନାଥଙ୍କ ଯୋଗ, ବାଉଳିଙ୍କ ପ୍ରତିଜ୍ଞା, ଲୋହିଦାସ ଓ କପିଳଙ୍କ ମନ୍ତ୍ରର ପ୍ରବଳ ପ୍ରଭାବ ଜନସମାଜରେ ପଡ଼ିଥିଲା । ସାଧକମାନେ ମନ୍ତ୍ରତନ୍ତ୍ର ମାଧ୍ୟମରେ ଅଲୌକିକ ଘଟଣାମାନ ସୃଷ୍ଟି କରୁଥିଲେ । ମନ୍ତ୍ରଦୀକ୍ଷା ଦେଇଥିବା ଗୁରୁଙ୍କ ସହିତ ମନାନ୍ତର ହେଲେ ଶିଷ୍ୟମାନେ ଗୁରୁଦତ୍ତ ବିଦ୍ୟାର ଅପବ୍ୟବହାର କରି ଗୁରୁଙ୍କ ପ୍ରାଣହାନି କରିବା ପାଇଁ ପଶ୍ଚାତ୍‌ପଦ ହେଉ ନଥିଲେ । ସମାଜର ଏହି ଘଡ଼ିସନ୍ଧି କାଳରେ ପଞ୍ଚସଖାଏ ଶ୍ରୀକ୍ଷେତ୍ରକୁ ମର୍ତ୍ତ୍ୟ ବୈକୁଣ୍ଠ ବୋଲି ଉଦାତ୍ତ କଣ୍ଠରେ ଘୋଷଣା କଲେ ଏବଂ ରତ୍ନସିଂହାସନରେ ବିରାଜମାନ କରୁଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମାନବ ସମାଜ ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ହର୍ତ୍ତାକର୍ତ୍ତା ଦଇବ ବିଧାତା ବୋଲି ଦୃଢ଼ଭାବେ ପ୍ରତିପାଦନ କଲେ । ଭକ୍ତମାନେ ଏକମନ ଏକପ୍ରାଣ ହୋଇ ମହାପ୍ରଭୁଙ୍କୁ ଆର୍ତ୍ତକଣ୍ଠରେ ଡାକିଲେ ଆପଣାର ମଙ୍ଗଳ ହେବା ସଙ୍ଗେ ସଙ୍ଗେ ସଂସାର ସୁଖି ହୋଇପାରିବ । ସମାଜରେ ପ୍ରଚଳିତ ଜାତିଭେଦ ଛୁଆଁ ଅଛୁଆଁକୁ ମନ ସିନ୍ଦୁକରୁ ବାହାର କରି ଫିଙ୍ଗି ଦେଲେ ସବୁ ସମସ୍ୟାର ସହଜ ସମାଧାନ ହୋଇପାରିବ ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*

## ଅପ୍ରେଲ୍ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୫.୪.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ (ଚୈତ୍ର ଶୁକ୍ଳ ଚତୁର୍ଥୀ) |
| ତା. ୯.୪.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ଜେଉଟ ଭୋଗ ଓ ଅଶୋକାଷ୍ଟମୀ |
| ତା. ୧୦.୪.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ଶ୍ରୀରାମନବମୀ |
| ତା. ୧୧.୪.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ ଯଜ୍ଞରକ୍ଷା |
| ତା. ୧୨.୪.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ସୀତା ବିବାହ ଓ କାମଦା ଏକାଦଶୀ |
| ତା. ୧୩.୪.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ବନବାସ ଓ କର୍ନ୍ଦପ ଅଧିବାସ |

*ସୌଜନ୍ୟ-* OMC | ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
ମୂଲ୍ୟ : ଦୁଇଟଙ୍କା ମାତ୍ର